ଅନୁପମ ଭାରତ, ରବିବାର ୮ ଫେବୃୟାରୀ ୨୦୧୫, ରାୟଗଡ଼ା

# ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ରାୟଗଡ଼ା ଗସ୍ତ



ରାୟଗଡ଼ା, ୭।୨(ଅନୁପମ ମିଡିଆ): ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ ଜେନା ଗୁରୁବାର ରାୟଗଡ଼ା ଗସ୍ତରେ ଆସି କ୍ଷୁଦ୍ର ଜଳ ସମ୍ପଦ ବିଭାଜନର ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ । ମାଓ ପ୍ରବଣ ଅଞ୍ଚଳରେ ଅବସ୍ଥିତ କଲ୍ୟାଣସିଂହପୁର ବ୍ଲକ୍‌ର ନିର୍ମାଣାଧିନ କଲ୍ୟାଣୀ ଏମ୍‌ଆଇପି ଓ ନାରାୟଣପୁର ଏମ୍‌ଆଇପି ପରିଦର୍ଶନ କରିଥିଲେ । ଏହାପରେ କାଶିପୁରର ଦୁର୍ଗମ ଅଞ୍ଚଳର ଶଙ୍କରଡ଼ା ନିକଟସ୍ଥ ବାହାସିପିଳି, ଚେକ୍‌ଡ୍ୟାମ ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିବା ସହ ନାରାୟଣପୁର ପ୍ରକଳ୍ପ ଅଞ୍ଚଳରେ ଅନୁଷ୍ଠିତ ଏକ ବୈଠକରେ ଯୋଗଦାନ କରିଥିଲେ । ଉକ୍ତ ବୈଠକରେ ମା' ବାଙ୍ଗରମ୍ମା ପାଣିପଞ୍ଚାୟତ, ନାରାୟଣପୁର, ଜୟ ଜଗନ୍ନାଥ ପାଣି ପଞ୍ଚାୟତ ଜଗନ୍ନାଥପୁର ଓ ବିନିଶପୁର ପାଣି ପଞ୍ଚାୟତର କର୍ମକର୍ତ୍ତା, ସମସ୍ତ ସଭ୍ୟ/ସଭ୍ୟା ଓ ଅଗ୍ରଣୀ ମହିଳା ଚାଷୀମାନଙ୍କ ସହ ଆଲୋଚନା ମାଧ୍ୟମରେ ଜଳସେଚନ, ଜୀବନ ଜୀବିକାର ଉନ୍ନତି ସମ୍ବନ୍ଧରେ ପଚାରି ବୁଝିଥିଲେ । ବିଶ୍ୱବ୍ୟାଙ୍କ ସହାୟତାରେ ଚାଲିଥିବା ଓଡ଼ିଶା ଗୋଷ୍ଠୀ ଜଳାଶୟ ପରିଚାଳନା ପ୍ରକଳ୍ପ ମାଧ୍ୟମରେ ଉପରୋକ୍ତ ପାଣିପଞ୍ଚାୟତ ଅନ୍ତର୍ଗତ ଚାଷୀମାନଙ୍କର ଜୀବନଧାରଣରେ ପରିବର୍ତ୍ତନ ହୋଇଥିବା ଦେଖି ପ୍ରମୁଖ ଶାସନ ସଚିବ ଶ୍ରୀ ଜେନା ସନ୍ତୋଷ ବ୍ୟକ୍ତ କରିଥିଲେ । ଚାଷୀମାନଙ୍କର ଚାହିଦା ମୁତାବକ ଉପରୋକ୍ତ ୩ଟି କ୍ଷୁଦ୍ର ଜଳ ସମ୍ପଦ ପ୍ରକଳ୍ପରେ ପଟ୍ଟୁମାଡ଼ି ଉଦ୍ଧାର, ଗାର୍ଡୱାଲ, ଅତିରିକ୍ତ ଘାଟ, ସଂଯୋଗୀକରଣ ସେତୁ ନିର୍ମାଣ ଇତ୍ୟାଦି ଆନୁସଙ୍ଗୀକ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଗସ୍ତ ସମୟରେ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଜାନକୀ ବଲ୍ଲଭ ମହାପାତ୍ର, ମୁଖ୍ୟ ଯନ୍ତ୍ରୀ ଇଂ. ସୁରେଶ ଜୈନ, ଓସିସି ଏମ୍‌ଡି ବି. ମହାନ୍ତି, ଜୟପୁର ମଣ୍ଡଳର ଅଧିକ୍ଷଣ ଯନ୍ତ୍ରୀ ଇଂ. ଅକ୍ଷୟ କୁମାର ବାନାର୍ଜୀ, ରାୟଗଡ଼ା ବିଭାଜନର ନିର୍ବାହୀ ଯନ୍ତ୍ରୀ ଇଂ. କନ୍ଦର୍ପ ପ୍ରଧାନ, ଉପରକୋଲାବ ପ୍ରକଳ୍ପର ମୁଖ୍ୟ ଯନ୍ତ୍ରୀ ଇଂ. ଏମ୍.ଆର୍. ଶୁକ୍ଳାଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ, ଓଡ଼ିଶା ଗୋଷ୍ଠୀ ଜଳାଶୟ ପରିଚାଳନା ପ୍ରକଳ୍ପର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ତା' ପରଦିନ ତଥା ଶୁକ୍ରବାର ସନ୍ଧ୍ୟାରେ ଜିଲ୍ଲାପାଳ ଡ. ଶଶିଭୂଷଣ ପାଢ଼ୀ ଓ ଅତିରିକ୍ତ ଜିଲ୍ଲାପାଳ ଲକ୍ଷ୍ମୀକାନ୍ତ ବେହେରାଙ୍କ ସହ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଓ ଜମି ଅଧିଗ୍ରହଣ ବିଷୟରେ ପ୍ରମୁଖ ଶାସନ ସଚିବ ଶ୍ରୀ ଜେନା ଆଲୋଚନା କରିଥିଲେ ।

ପ୍ରମେୟ
THE PRAMEYA
ରବିବାର
୮ ଫେବୃଆରୀ ୨୦୧୫

# ଜଳ ସମ୍ପଦ ସଚିବଙ୍କ ରାୟଗଡ଼ା ଗସ୍ତ



ରାୟଗଡ଼ା,୭।୨(ଆପ୍ର): ଜଳ ସମ୍ପଦ ବିଭାଗର ଶାସନ ସଚିବ ପ୍ରଦୀପ ଜେନା ରାୟଗଡ଼ା ଜିଲ୍ଲା ଗସ୍ତରେ ଆସି କ୍ଷୁଦ୍ର ଜଳ ସମ୍ପଦ ବିଭାଜନର ବଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ । କଲ୍ୟାଣସିଂହପୁର ବ୍ଲକର ନିର୍ମାଣଧିନ କଲ୍ୟାଣି ଏମଆଇପି ଓ ନାରାୟଣପୁର ଏମଆଇପି ପରିଦର୍ଶନ କରି ସେ ସନ୍ତୋଷ ବ୍ୟକ୍ତ କରିଥିଲେ । ଉକ୍ତ ସମୟ ମଧ୍ୟରେ ଓଡ଼ିଶା ଗୋଷ୍ଠୀ ଜଳାଶୟ ପରିଚାଳନା ପ୍ରକଳ୍ପ ମାଧ୍ୟମରେ ନିର୍ମାଣଧିନ ନାରାୟଣପୁର ପ୍ରକଳ୍ପ ଅଞ୍ଚଳରେ ଅନୁଷ୍ଠିତ ଏକ ବୈଠକରେ ଯୋଗଦାନ କରିଥିଲେ । ଉକ୍ତ ବୈଠକରେ ନାରାୟଣପୁର ସ୍ଥିତ ମା ବାଙ୍ଗରାମ୍ମା ପାଣିପଞ୍ଚାୟତ, ଜଗନ୍ନାଥପୁର ସ୍ଥିତ ଜୟ ଜଗନ୍ନାଥ ପାଣିପଞ୍ଚାତ ଓ ବିନିଶପୁର ପାଣିପଞ୍ଚାୟତର କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ। ବିଶ୍ୱବ୍ୟାଙ୍କ ସହାୟତାରେ ଓଡ଼ିଶା ଗୋଷ୍ଠୀ ଜଳାଶୟ ପରିଚାଳନା ପ୍ରକଳ୍ପ ମାଧ୍ୟମରେ ପାଣିପଞ୍ଚାୟତ ଦ୍ୱାରା ଚାଷୀମାନଙ୍କର ପରିବର୍ତ୍ତନ ହେଉଥିବା ଦେଖି ଶାସନ ସଚିବ ଖୁସି ପ୍ରକଟ କରିବା ସହ ପଟୁମାଟି ଉଦ୍ଧାର, ସୁରକ୍ଷା ପାଚେରି ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସଚିବଙ୍କ ସହ ସର୍ବୋଚ୍ଚ ଯନ୍ତ୍ରୀ ଜାନକି ବଲ୍ଲଭ ମହାପାତ୍ର, ମୁଖ୍ୟଯନ୍ତ୍ରୀ ସୁରେଶ ଜୈନ, ଅଧିକ୍ଷଣ ଯନ୍ତ୍ରୀ ଅକ୍ଷୟ କୁମାର ବାନାର୍ଜି ପ୍ରମୁଖ ଉପସ୍ଥିତ ଥିଲେ ।